# ପାଠ - ୬ ଯୋଡ଼ ଓ ବେଯୋଡ଼ ସଂଖ୍ୟା ଚିହ୍ନିବା

ତଳେ ପ୍ରତ୍ୟେକ ଧାଡ଼ିରେ ଦିଆଯାଇଥିବା ଚିତ୍ରଗୁଡ଼ିକ ଗଣି ଚିତ୍ର ସଂଖ୍ୟାକୁ ଡାହାଣ ପାଖ ଖାଲି ଘରେ ଲେଖ ।

| | |
|---|---|
|  | ୪ |
|  | ୫ |
|  | |
|  | |
|  | |
|  | |
|  | |
|  | |

ଉପରେ ଦେଖାଇ ଦିଆଯାଇଥିବା ଭଳି ପ୍ରତ୍ୟେକ ଧାଡ଼ିରେ ଦୁଇ ଦୁଇଟି ଚିତ୍ରରେ ଗୋଟିଏ ମୁଣ୍ଡୁଳା ବୁଲାଅ । ମୁଣ୍ଡୁଳା ବୁଲାଇବା ପରେ ଯଦି କୌଣସି ଚିତ୍ର ବଳି ନ ପଡ଼େ, ତେବେ ସେହି ଚିତ୍ରମାନଙ୍କର ଡାହାଣପଟେ ଲେଖାଥିବା ସଂଖ୍ୟାଟିରେ ମୁଣ୍ଡୁଳା ବୁଲାଅ ।

ଏହିପରି କାମ କରିବା ପରେ କେଉଁ କେଉଁ ସଂଖ୍ୟାରେ ମୁଣ୍ଡୁଳା ବୁଲାଯାଇଛି ଓ କେଉଁଗୁଡ଼ିକରେ ମୁଣ୍ଡୁଳା ବୁଲାଯାଇନାହିଁ, ତଳ ସାରଣୀରେ ଲେଖ ।

| ମୁଣ୍ଡୁଳା ବୁଲାଯାଇଥିବା ସଂଖ୍ୟା | ମୁଣ୍ଡୁଳା ବୁଲାଯାଇ ନ ଥିବା ସଂଖ୍ୟା |
|---|---|
| | |

ଯେଉଁ ସଂଖ୍ୟା ଗୁଡ଼ିକରେ ମୁଣ୍ଡୁଳା ବୁଲାଯାଇଛି, ସେଗୁଡ଼ିକ ଯୋଡ଼ ବା ଯୁଗ୍ମ ସଂଖ୍ୟା ।

ଯେଉଁ ସଂଖ୍ୟା ଗୁଡ଼ିକରେ ମୁଣ୍ଡୁଳା ବୁଲାଯାଇନାହିଁ, ସେଗୁଡ଼ିକ ବେଯୋଡ଼ ବା ଅଯୁଗ୍ମ ସଂଖ୍ୟା ।

- ତଳେ ପ୍ରତ୍ୟେକ ଧାଡ଼ିରେ ଲେଖାଥିବା ସଂଖ୍ୟା ଅନୁଯାୟୀ ପ୍ରତିଧାଡ଼ିରେ ବଲ ଚିତ୍ର ଅଙ୍କନକର। ଦୁଇ ଦୁଇଟି ବଲକୁ ଘର ମଧ୍ୟରେ ରଖ। ସଂଖ୍ୟାଟି ଯୁଗ୍ମ କି ଅଯୁଗ୍ମ ଲେଖ।

| | | |
|---|---|---|
| ୧୦ |  | ଯୁଗ୍ମ |
| ୧୩ |  | ଅଯୁଗ୍ମ |
| ୧୪ | | |
| ୧୫ | | |
| ୧୨ | | |
| ୧୬ | | |
| ୧୭ | | |
| ୯ | | |
| ୧୮ | | |

ସାରଣୀର ବାମ ପାର୍ଶ୍ୱରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଯୁଗ୍ମ ବୋଲି ଜଣାପଡ଼ିଲା ?

କେଉଁ କେଉଁ ସଂଖ୍ୟାଗୁଡ଼ିକ ଅଯୁଗ୍ମ ବୋଲି ଜଣାପଡ଼ିଲା ?

ଏବେ କହ, ଯୁଗ୍ମ ଓ ଅଯୁଗ୍ମ ସଂଖ୍ୟା କାହାକୁ କୁହାଯାଏ ?

- ଯୁଗ୍ମ ସଂଖ୍ୟା ଥିବା କୋଠରିଗୁଡ଼ିକରେ ରଂଗ ଦିଅ।

| | | | | | | | | | |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | ୩୨ | ୩୩ | ୩୪ | ୩୫ | ୩୬ | ୩୭ | ୩୮ | ୩୯ | ୪୦ |

- **ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ :-**

(କ) ଦୁଇଟି ପାଖାପାଖି ଯୁଗ୍ମ ସଂଖ୍ୟା ମଧ୍ୟରେ ପାର୍ଥକ୍ୟ କେତେ ?

(ଖ) ଦୁଇଟି ପାଖାପାଖି ଅଯୁଗ୍ମ ସଂଖ୍ୟା ମଧ୍ୟରେ ପାର୍ଥକ୍ୟ କେତେ ?

(ଗ) ଯୁଗ୍ମ ସଂଖ୍ୟାମାନଙ୍କର ଏକକ ଘରେ କେଉଁ କେଉଁ ଅଙ୍କ ଥିବାର ଲକ୍ଷ୍ୟ କରୁଛ ?



(ଘ) ଅଯୁଗ୍ମ ସଂଖ୍ୟାମାନଙ୍କର ଏକକ ଘରେ କେଉଁ କେଉଁ ଅଙ୍କ ଥିବାର ଲକ୍ଷ୍ୟ କରୁଛ ?

କୌଣସି ସଂଖ୍ୟାର ଏକକ ଘରର ଅଙ୍କକୁ ଦେଖି ତାହା ଯୁଗ୍ମ କି ଅଯୁଗ୍ମ ସଂଖ୍ୟା ହେବ ତାହା ଜାଣିହୁଏ ।
ଯେଉଁ ସଂଖ୍ୟାର ଏକକ ଘରେ ୦, ୨, ୪, ୬ ବା ୮ ଥାଏ ତାହା ଯୁଗ୍ମ ସଂଖ୍ୟା ।

- **ପରୀକ୍ଷା କରି ଦେଖ :**

(କ) ଯେକୌଣସି ଦୁଇଟି ଯୁଗ୍ମ ସଂଖ୍ୟାର ଯୋଗଫଳ ଯୁଗ୍ମ କି ଅଯୁଗ୍ମ ସଂଖ୍ୟା ହେବ ?

(ଖ) ଦୁଇଟି ଅଯୁଗ୍ମ ସଂଖ୍ୟା ନେଇ ସେମାନଙ୍କର ଯୋଗଫଳ କେଉଁ ପ୍ରକାରର ସଂଖ୍ୟା ହେଉଛି ଲେଖ ?

(ଗ) ଗୋଟିଏ ଯୁଗ୍ମ ସଂଖ୍ୟାରେ ଗୋଟିଏ ଅଯୁଗ୍ମ ସଂଖ୍ୟା ମିଶାଇଲେ ଯୋଗଫଳ ଯୁଗ୍ମ କି ଅଯୁଗ୍ମ ସଂଖ୍ୟା ହେବ ?

- **ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ :-**

(କ) ୫୦ରୁ ଅଧିକ ଓ ୭୦ରୁ କମ୍ ହେଉଥିବା ୫ଟି ଯୁଗ୍ମ ସଂଖ୍ୟା ଲେଖ ।

(ଖ) ଦୁଇଟି ତିନିଅଙ୍କ ବିଶିଷ୍ଟ ଅଯୁଗ୍ମ ସଂଖ୍ୟା ଲେଖ, ପ୍ରତ୍ୟେକ ସଂଖ୍ୟାର ଦଶକ ଘର ଅଙ୍କ ୫ ହେଉଥିବ ।

(ଗ) ଚାରୋଟି ତିନିଅଙ୍କ ବିଶିଷ୍ଟ ଯୁଗ୍ମ ସଂଖ୍ୟା ଲେଖ, ଯେପରି ପ୍ରତ୍ୟେକ ସଂଖ୍ୟାର ଅଙ୍କମାନଙ୍କର ସମଷ୍ଟି ୭ ହେଉଥିବ ।



# ଅଭ୍ୟାସ

୧. ଚିତ୍ର ଗଣି କୋଠରିରେ ଲେଖ ଓ ତାହା ଯୁଗ୍ମ ବା ଅଯୁଗ୍ମ ଲେଖ ।

| | | |
|---|---|---|
|  | ୪ | ଯୁଗ୍ମ |
|  | | |
|  | | |
|  | | |
|  | | |
|  | | |
|  | | |


୨. ଯୁଗ୍ମ ସଂଖ୍ୟାଗୁଡ଼ିକରେ ମୁଣ୍ଡୁଳା ବୁଲାଅ ।

| | | | | | |
|---|---|---|---|---|---|
| ୬ | ୧୪ | ୩୦ | ୧୬୭ | ୪୦୪ | ୨୨୮ |
| ୩ | ୫୪ | ୫୯ | ୨୦୮ | ୫୭୬ | ୪୧୧ |
| ୫୬ | ୩୪ | ୧୦୪ | ୭୧ | ୩୧୫ | ୪୩୮ |
| ୧୦୮ | ୫୨୪ | ୩୫୫ | ୭୫୦ | ୫୨ | ୯୯୯ |

୩. ଅଯୁଗ୍ମ ସଂଖ୍ୟାଗୁଡ଼ିକରେ ମୁଣ୍ଡୁଳା ବୁଲାଅ ।

| | | | | | |
|---|---|---|---|---|---|
| ୭ | ୪୭ | ୭୬ | ୨୪୨ | ୮୩ | ୪୦୭ |
| ୮ | ୭୮ | ୮୫ | ୧୩୮ | ୧୪୫ | ୩୫୧ |
| ୪୩ | ୫୪ | ୭୯ | ୧୦୫ | ୨୧୫ | ୬୧୯ |
| ୮୧ | ୨୬୩ | ୬୨୫ | ୯୭୦ | ୬୪୭ | ୨୩୪ |

୪.  ଯୁଗ୍ମ ସହ ଯୁଗ୍ମ, ଅଯୁଗ୍ମ ସହ ଅଯୁଗ୍ମ ସଂଖ୍ୟାକୁ କ୍ରମାନ୍ୱୟରେ ଯୋଡ଼ି ଚିତ୍ର କର।



୫.  (କ)  ୨୫ ରୁ ଅତି କମ୍‌ରେ ________ ବିୟୋଗ କଲେ ଯୁଗ୍ମ ସଂଖ୍ୟାଟିଏ ହେବ।

(ଖ)  ୯ରେ ଅତି କମ୍‌ରେ ________ ଯୋଗ କଲେ ଅଯୁଗ୍ମ ସଂଖ୍ୟାଟିଏ ହେବ।

୬.

| | | |
|---|---|---|
| ୮ | ୨ | ୩ |
| ୫ | ୦ | ୪ |
| ୬ | ୭ | ୯ |

ଏହି ଟେବୁଲରୁ ଅଙ୍କନେଇ ସଂଖ୍ୟା ତିଆରି କରି ତଳେ ଲେଖ। ସଂଖ୍ୟାଗୁଡ଼ିକ ଦୁଇ ଅଙ୍କ ବିଶିଷ୍ଟ ବା ତିନି ଅଙ୍କ ବିଶିଷ୍ଟ ହୋଇପାରେ। ଯୁଗ୍ମ ସଂଖ୍ୟାଗୁଡ଼ିକୁ ମୁଣ୍ଡୁଳା ବୁଲାଅ। ଦେଖ, କିଏ କେତେ ଅଧିକ ଯୁଗ୍ମ ସଂଖ୍ୟା ପାଇପାରୁଛି।

________  ________  ________  ________  ________

________  ________  ________  ________  ________

୭.  △ ମଧ୍ୟରେ ଅଯୁଗ୍ମ ସଂଖ୍ୟା ଓ □ ମଧ୍ୟରେ ଯୁଗ୍ମ ସଂଖ୍ୟା ଲେଖାଯିବ ।

△ + □ + △ = ୧୮

△ ଓ □ ମଧ୍ୟରେ ତୁମେ କେଉଁ କେଉଁ ସଂଖ୍ୟା ଲେଖି ଯୋଗଫଳ ୧୮ ପାଇପାରୁଛ ?